ଓଡ଼ିଶା ସରକାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ପତ୍ର ସଂଖ୍ୟା : ୯୬୪୯ / ତା ୦୩.୦୫.୨୦୨୦

ପ୍ରେରକ : ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର , ଭା. ପ୍ର.ସେ

ଅତିରିକ୍ତ ମୁଖ୍ୟ ଶାସନ ସଚିବ,

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ,

ଓଡ଼ିଶା

ପ୍ରାପ୍ତେଷୁ ,

ସମସ୍ତ ଜିଲ୍ଲାପାଳ

ସମସ୍ତ ପୌର କମିଶନର

କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ପୌର ପାଳିକା

ବିଷୟ - ରାଜ୍ୟ ବାହାରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ନିମନ୍ତେ ମାର୍ଗଦର୍ଶିକା

ମହାଶୟ

ସମ୍ପ୍ରତି କୋଭିଡ୍ -୧୯ ସାରା ଦେଶରେ ଓ ବିଶ୍ୱରେ ବିଭୀଷିକା ସୃଷ୍ଟି କରିଥିବା ବେଳେ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ ଘରକୁ ଫେରୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଅତି ସଂକ୍ରମଣ ପ୍ରବଣ ସ୍ଥାନରୁ (ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ , କୋଲକାତା ଇତ୍ୟାଦି) ରୁ ଆସୁଛନ୍ତି। ସେମାନଙ୍କର ସଂକ୍ରମଣ ସ୍ଥିତି ଜଣା ନଥିବାରୁ , ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ "ଗୃହ ସଙ୍ଗରୋଧ" ଓ" ଗୃହ ପୃଥକ ବାସ " ସମ୍ବନ୍ଧିତ ମାର୍ଗଦର୍ଶିକା ଜାରି କରା ଯାଇ ଅଛି । ତଦନୁଯାୟୀ ସମସ୍ତ ଫେରବା ପ୍ରବାସୀଙ୍କ ଅନ ଲାଇନ ପଞ୍ଜୀକରଣ ଓ ୧୪ ଦିନ ବା ତତୋଧିକ ସମୟ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ ଅଟେ । ଏଥି ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ନମୁନା ସଂଗ୍ରହ ସମ୍ବନ୍ଧିତ ନିୟମାବଳୀ ପ୍ରଣିତ ହୋଇଛି । ସେସବୁର ବିସ୍ତୃତ ବିବରଣୀ ଏଥି ସହିତ ସଂଲଗ୍ନ କରା ଯାଉଛି ।

ଏହି ପରିପ୍ରେକ୍ଷୀରେ ସେ ସବୁର ଅନୁଧ୍ୟାନ ଓ ପରିପାଳନ ନିଶ୍ଚିତ କରାଇବାକୁ ଆପଣଙ୍କୁ ଅନୁରୋଧ କରାଗଲା ।

ଆପଙ୍କ ବିଶ୍ୱସ୍ତ

ପ୍ରଦୀପ୍ତ କୁମାର ମହାପାତ୍ର

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୩୪୦ / ତା ୦୩.୦୪.୨୦୨୦

ଏହାର ନକଲ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବଗତି ଓ ମାର୍ଗଦର୍ଶନ ନିମନ୍ତେ ପଠାଗଲା .

ଅତିରିକ୍ତ ମୁଖ୍ୟ ଶାସନ ସଚିବ,

ଜ୍ଞାପକ ସଂଖ୍ୟା ୧୩୪୧ / ତା ୦୩.୦୪.୨୦୨୦

ଏହାର ନକଲ ପ୍ରମୁଖ ସଚିବ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଙ୍କ ଅବଗତି ନିମନ୍ତେ ପଠାଗଲା .

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୩୪୨ / ତା ୦୩.୦୪.୨୦୨୦

ଏହାର ନକଲ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଅବଗତି ନିମନ୍ତେ ପଠାଗଲା .

ଅତିରିକ୍ତ ମୁଖ୍ୟ ଶାସନ ସଚିବ

## ରାଜ୍ୟ ବାହାରୁ ରାଜ୍ୟକୁ ଫେରୁଥିବା ପ୍ରବାସୀ ଓଡିଆଙ୍କ ପାଇଁ ମାର୍ଗଦର୍ଶିକା

*(ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶନାମା ସଂଖ୍ୟା ୨୪୨୦/ଦି ୧.୫.୨୦୨୦, ଏବଂ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟଙ୍କ ଦ୍ୱାରା ପ୍ରକାଶିତ "ଗୃହ ସଙ୍ଗରୋଧ " ଏବଂ "ଗୃହ ପୃଥକ ବାସ " ସମ୍ବନ୍ଧିତ ମାର୍ଗଦର୍ଶିକା ଆଧାରରେ ପ୍ରସ୍ତୁତ )*

୧) ରାଜ୍ୟ ବାହାରୁ ଫେରୁଥିବା ସମସ୍ତ ପ୍ରବାସୀ ଅନ୍ ଲାଇନ୍ <covid19.odisha.gov.in> ରେ ପ୍ରାକ୍ ପଞ୍ଜୀକରଣ କରାଇବା ବାଧ୍ୟତା ମୂଳକ ଯେଉଁଥିରେ ଫେରୁଥିବା ବ୍ୟକ୍ତି ଓ ବ୍ୟବହୃତ ଗାଡି ସଂବନ୍ଧରେ ତଥ୍ୟ ରହିବ ।

୨) ଫେରିବାପରେ ସେମାନଙ୍କୁ ୧୪ ଦିନ କିମ୍ବା ତତୋଧିକ (ଯାହା ସ୍ୱାସ୍ଥ୍ୟ ବିଭାଗ ସ୍ଥଳ ବିଶେଷରେ ସ୍ଥିର କରିବେ ) ସଙ୍ଗରୋଧରେ ରହିବାକୁ ହେବ ।

୩)ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ଚିହ୍ନିତ ଅଧିକାରୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହଯୋଗରେ ରାଜ୍ୟକୁ ଫେରିଥିବା ବ୍ୟକ୍ତିମାନଙ୍କୁ ବଛାବଛି କରି ସେମାନଙ୍କୁ ସଙ୍ଗରୋଧରେ ରଖାଯିବ ।

୪) ତେବେ ସାଧାରଣତଃ ସହରାଞ୍ଚଳରେ ଗୃହ ସଙ୍ଗରୋଧ କିମ୍ବା କିଛି ନିର୍ଦ୍ଧାରିତ ହୋଟେଲ/ଲଜ୍ ରେ ନିଜ ଖର୍ଚ୍ଚରେ ରହିବାକୁ ପରାମର୍ଶ ଦିଆ ଯାଉଥିବା ବେଳେ ଗ୍ରାମାଞ୍ଚଳରେ ଆନୁଷ୍ଠାନିକ ସଙ୍ଗରୋଧରେ ରଖିବା ପାଇଁ ସ୍ଥିର କରା ଯାଇଛି ।

୫) ଗୃହ ସଙ୍ଗରୋଧ ସମୟରେ ବ୍ୟକ୍ତିଙ୍କ ଘରେ ସଙ୍ଗରୋଧ ସମ୍ବନ୍ଧୀୟ ଷ୍ଟିକର ଲଗାଯିବ ।

୬) ଘରୋଇ ସଙ୍ଗରୋଧରେ ଥିବା ବ୍ୟକ୍ତି ତଦିଷ୍ଟ ନିୟମାବଳୀ ଠିକ ଭାବେ ପାଳନ କରୁଛନ୍ତିକି ନାହିଁ, ସମ୍ପୃକ୍ତ ଅଧିକାରୀ ପ୍ରତିଦିନ ତଦାରଖ କରିବେ ଓ ନିୟମ ଭଙ୍ଗକାରୀଙ୍କୁ ବିପର୍ଯ୍ୟୟ ପ୍ରଶମନ ଆଇନ -୨୦୦୫ ଏବଂ ସଂକ୍ରାମକ ରୋଗ ପ୍ରତିରୋଧ ଆଇନ ୧୮୯୭ ଓ ତା'ର ସଂସ୍କରଣ ଆଧାରରେ ଦଣ୍ଡିତ କରାଯିବ ।

୮) ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ/ଜିଲ୍ଲା ସର୍ବେକ୍ଷଣ ଦଳ / out bound call centre(OCC) ନିୟମିତ ଭାବେ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କସ୍ୱାସ୍ଥ୍ୟାବସ୍ଥା ବୁଝିବେ । ଯଦି ଏହି ସମୟ ଭିତରେ କିଛି ଲକ୍ଷଣ ପ୍ରକାଶ ପାଏ , ତେବେ ନିଦାନ ପରୀକ୍ଷା କରାଇବା ଓ କୋଭିଡ୍ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରାଇବେ । ସଂପୃକ୍ତ ବ୍ୟକ୍ତି ମଧ୍ୟ ନିଜ ଆଡୁ ଦେୟମୁକ୍ତ ନମ୍ବର ୧୦୪ କୁ ଫୋନ କରି ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧରେ ତଥ୍ୟ ଦେଇ ପାରିବେ ।

୯) ନିଦାନ ପରୀକ୍ଷାରେ କେହି କୋଭିଡ୍ ସଂକ୍ରମିତ ବୋଲି ଚିହ୍ନଟ ହେଲେ , ଲକ୍ଷଣର ତୀବ୍ରତାକୁ ବିଚାରକୁ ନେଇ ତାଙ୍କୁ ଗୃହ ପୃଥକ ବାସ କିମ୍ବା କୋଭିଡ ଚିକିତ୍ସାଳୟରେ ରଖାଯିବ ।

୧୦) ସଠିକ ଭାବେ ସଙ୍ଗରୋଧ ସମାପ୍ତ କରିଥିବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ ।

ଗୃହ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ନିୟମାବଳୀ :

- ମୁକ୍ତ ବାୟୁ ଚଳା ଚଳ କରୁଥିବା ଏକ ଅଲଗା କୋଠରୀରେ ରହିବେ । ଏକ ଅଲଗା ପାଇଖାନା ବ୍ୟବହାର କରିବା ଉଚିତ ।
- ବୃଦ୍ଧ, ଶିଶୁ ଓ ଗର୍ଭବତୀ ମହିଳା ଏବଂ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହୃଦ ରୋଗ ଆଦି ଭୋଗୁଥିବା ପରିବାର ସଦସ୍ୟଙ୍କ ଠାରୁ ଦୂରେଇ ରହିବେ ।
- ତାଙ୍କ ଦ୍ୱାରା ବ୍ୟବହୃତ ବିଛଣା, ଲୁଗାପଟା, ଗାମୁଛା , ବାସନ କୁସନ ଆଦି ଅନ୍ୟ କେହି ବ୍ୟବହାର କରିବେ ନାହିଁ

- ସର୍ବଦା ମାସ୍କ ବ୍ୟବହାର କରିବେ ।
- ବ୍ୟବହାର ପରେ ମାସ୍କକୁ ୫ % ବ୍ଲିଚିଙ୍ଗ ପାଉଡର ଦ୍ରବଣ କିମ୍ବା ୧ % ସୋଡିୟମ ହାଇପୋକ୍ଲୋରାଇଟ ଦ୍ରବଣରେ ବିଶୋଧନ କଲାପରେ ପୋତି ଦେବେ କିମ୍ବା ପୋଡିଦେବେ ।
- ସାବୁନରେ ବାରମ୍ବାର ହାତ ଧୋଇବେ ।
- ଯଦି ସଙ୍ଗରୋଧ ସମୟରେ ଜ୍ୱର, କାଶ, କିମ୍ବା ଶ୍ୱାସକଷ୍ଟ ହେବା ଭଳି ଲକ୍ଷଣ ପ୍ରକାଶ ପାଏ , ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ୧୦୪ ନମ୍ବର କୁ ଫୋନ କରି ତୁରନ୍ତ ଜଣାଇବେ ।
- ପରିବାର କେହି ଜଣେ ନିର୍ଦ୍ଦିଷ୍ଟ ସୁସ୍ଥ ବ୍ୟକ୍ତି ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କୁ ଖାଇବା ପିଇବା କୁ ଦେବା ,ଲୁଗା ପଟା ସଫା କରିବାରେ ନିଯୁକ୍ତ ରହିବା ଉଚିତ ।
- ଏହି ସେବାକାରୀ ସେବା କାଳରେ ଡିସ୍ପୋଜେବଲ ଗ୍ଲୋଭସ ବ୍ୟବହାର କରିବେ ।
- ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କର ଲୁଗା ପଟା ଯତ୍ନର ସହ ସଫା ହେବ ।
- ତାଙ୍କ ରହିବା କୋଠରୀକୁ ଓ ଛୁଇଁ ଥିବା ବସ୍ତୁକୁ ପ୍ରତିଦିନ ୧ % ହାଇପୋକ୍ଲୋରାଇଟ ଦ୍ରବଣ ରେ ବିଶୋଧନ କରାଯିବ ।
- ତାଙ୍କ ପାଇଖାନାକୁ ମଧ୍ୟ ପ୍ରତିଦିନ ସଫା ଓ ବିଶୋଧନ କରାଯିବ ।
- ପରିଦର୍ଶକମାନଙ୍କୁ ତାଙ୍କ ସହ ମିଶିବାକୁ ନିଷେଧ କରାଯିବ ।

<u>ସଂକ୍ରମିତ ବ୍ୟକ୍ତିଙ୍କର ଲକ୍ଷଣ ପ୍ରକାଶ ପୂର୍ବରୁ ଓ ହାଲକା ଲକ୍ଷଣ ଥିବା ବ୍ୟକ୍ତିଙ୍କର ଘରୋଇ ପୃଥକ ବାସ ପାଇଁ ନିୟମାବଳୀ :</u>

- ସଂକ୍ରମିତ ବୋଲି ଚିହ୍ନଟ ହୋଇଥିବା ଲକ୍ଷଣ ନଥିବା ବ୍ୟକ୍ତି ଓ ମୃଦୁ ବା ହାଲକା ଲକ୍ଷଣ ଥିବା ବ୍ୟକ୍ତି ଚାହିଁଲେ ନିଜ ଘରେ ପୃଥକ ବାସରେ ରହି ପାରିବେ । କିନ୍ତୁ ଚିକିତ୍ସାଧିକାରୀ ଏହାକୁ ଅନୁମୋଦନ କରିବା ଆବଶ୍ୟକ ।
- ଘରେ ରୋଗୀଙ୍କ ପାଇଁ ପୃଥକବାସ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ପରିବାରର ଅନ୍ୟ ବ୍ୟକ୍ତିଙ୍କ ପାଇଁ ଗୃହ ସଙ୍ଗରୋଧର ବ୍ୟବସ୍ଥା ଉପଲବ୍ଧ ଥିବା ଜରୁରୀ।
- ଜଣେ ସେବାକାରୀ ଏଥିପାଇଁ ଆବଶ୍ୟକ , ଯେ କି ଚିକିତ୍ସକଙ୍କ ସହ ନିୟମିତ ଯୋଗାଯୋଗରେ ରହିବେ ।
- ସେବାକାରୀ ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଙ୍କୁ ଚିକିତ୍ସକଙ୍କ ପରାମର୍ଶରେ ପ୍ରତିଷେଧକ ଦିଆ ଯିବ ।
- ଜିଲ୍ଲା ରୋଗ ସର୍ବେକ୍ଷଣ ବିଭାଗ ତାଙ୍କ ବିଷୟରେ ନିୟମିତ ତଥ୍ୟ ରଖିବେ ଓ ପରାମର୍ଶ ଦେବେ ।
- ଏ ସବୁ ବିଷୟରେ ରୋଗୀ ନିର୍ଦ୍ଦିଷ୍ଟ ଫର୍ମ ରେ ଘୋଷଣା ପତ୍ର ସ୍ୱାକ୍ଷର କରିବେ ଓ ନିଜ ମୋବାଇଲ ରେ "ଆରୋଗ୍ୟ ସେତୁ " ଆପ୍ ବ୍ୟବହାର କରିବେ ।
- ଶ୍ୱାସରୋଧ, ଛାତିରେ ଯନ୍ତ୍ରଣା , ବାଉଳି ଚାଉଳି ହେବା କିମ୍ବା ଓଠ ବା ମୁହଁ ନୀଳ ପଡିବା ଭଳି ଲକ୍ଷଣ ଦେଖାଗଲେ ରୋଗୀଙ୍କୁ ତୁରନ୍ତ କୋଭିଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ
- ନଚେତ ଯଦି ଘରେ ଚିକିତ୍ସାଧୀନ ରହି ସେ ଲକ୍ଷଣ ମୁକ୍ତ ଓ ସଂକ୍ରମଣ ମୁକ୍ତ ବୋଲି ଚିକିତ୍ସକ ଘୋଷଣା କରିବେ ତେବେ ତାଙ୍କୁ ସୁସ୍ଥ ବୋଲି ଗ୍ରହଣ କରାଯିବ ।

--୦--

# ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦଳ ପରୀକ୍ଷା କରିବା ପାଇଁ ନିୟମାବଳୀ

୧. ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଏକ ଅଣୁ ଯୋଜନା ପ୍ରସ୍ତୁତ କରିବେ । ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦଳରେ ଆଶା ସହିତ ପୁରୁଷ କିମ୍ବା ମହିଳା ସ୍ୱାସ୍ଥ୍ୟ କର୍ମୀ / ପୁରୁଷ କିମ୍ବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ରହିବା ଆବଶ୍ୟକ । ଏହି ପରୀକ୍ଷକ ଦଳ ଏକ ନିର୍ଦ୍ଦିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଦାୟିତ୍ୱରେ ରହିବେ ।

୨. ଏହି ସ୍ୱାସ୍ଥ୍ୟ ପରୀକ୍ଷାକରୀ ଦଳ ନିମ୍ନୋକ୍ତ ପଦକ୍ଷେପ ଅନୁଯାୟୀ ସଂଧିଗ୍ଧ ଲୋକ ସଂଖ୍ୟା ଆକଳନ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ।

୩. ଯେଉଁ ଲୋକମାନେ ଜ୍ୱର କାଶ ସହିତ ଶ୍ୱାସ, ପ୍ରଶ୍ୱାସ କଷ୍ଟ ଅନୁଭବ କରୁଥିବେ / ଯିଏ ଚିହ୍ନଟ କିମ୍ବା ସଂଧିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ / ବିଗତ୧୪ ଦିନ ମଧ୍ୟରେ ସଂକ୍ରମିତ ଅଂଚଳ ଗସ୍ତ କରିଥିବେ / ଯେଉଁ ଗର୍ଭବତୀ ମହିଳାଙ୍କର ୫ ଦିନ ମଧ୍ୟରେ ପ୍ରସବ ହେବାର ଥିବ କିମ୍ବା ପ୍ରସବ ବେଦନାରେ ଥିବେ / ୬୦ ବର୍ଷରୁ ଉର୍ଦ୍ଧ ରୋଗାକ୍ରାନ୍ତ ବ୍ୟକ୍ତି କୁ ଅଲଗା କରି ପୃଥକୀକରଣ କରିବା ସଂଗେ ସଂଗେ ସ୍ୱାବ ନମୁନା ପରୀକ୍ଷା କରିବା ପାଇଁ ସଂଗ୍ରହ କରାଯିବ ।

| ଲକ୍ଷଣ | ପଠାଯିବା ସ୍ଥାନ |
|---|---|
| ○ ସମାନ୍ୟ | କୋଭିଡ କେୟାର ସେଂଟର |
| ○ ଅତି ବେଶୀ ନୁହେଁ | ନିର୍ଦ୍ଧାରିତ କୋଭିଡ ହେଲ୍‌ଥ ସେଂଟର |
| ○ ଅତି ବେଶୀ | ନିର୍ଦ୍ଧାରିତ କୋଭିଡ ହସ୍ପିଟାଲ |

ଅନ୍ୟ ସମସ୍ତ ଲକ୍ଷଣ ଥିବା ବ୍ୟକ୍ତି ମାନଙ୍କୁ ସଂଗନିରୋଧ ସ୍ଥାନରେ ୧୪ ଦିନ ରହିବାକୁ ହେବ ।

୪. ମୂଲ୍ୟାଙ୍କନ ବିଶ୍ଳେଷଣ ପତ୍ର ଅନୁଯାୟୀ କରାଯିବ - ପରିଛେଦ ୧

୫. ସ୍ୱାସ୍ଥ୍ୟ ପରୀକ୍ଷାକାରୀ ଦଳଙ୍କୁ ନିମ୍ନ ଲିଖିତ ସାମଗ୍ରୀ ଦିଆଯିବ ।

- ବିଶ୍ଳେଷଣ ପତ୍ର
- ମାସ୍କ
- ଗ୍ଲୋବସ
- ସାନିଟାଇସର
- ଡିଜିଟାଲ ଥର୍ମୋମିଟର

୬. ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଏହି ସମସ୍ତ ପ୍ରକ୍ରିୟାକୁ, ଜିଲ୍ଲା ସର୍ବେକ୍ଷଣ ସଂସ୍ଥା ତତ୍ତ୍ୱାବଧାନରେ ତଦାରଖ କରିବେ ।

# ଭ୍ରାମ୍ୟମାଣ ନମୁନା ସଂଗ୍ରହକାରୀ ଦଳ ପାଇଁ ନିୟମାବଳୀ

ପଂଜୀକରଣ

ପ୍ରତ୍ୟେକ ଚିହ୍ନଟ ରୋଗୀଙ୍କ ପଂଜୀକରଣ ବାଧ୍ୟତାମୂଳକ ଅଟେ । ରୋଗୀମାନଙ୍କର ବ୍ୟକ୍ତିଗତ ତଥ୍ୟ, ଲକ୍ଷଣ ଏବଂ ରୋଗୀ ସଂପର୍ଶରେ ଆସିଥିବା ତଥ୍ୟ (ICMR – SRF Form) ରେ ଲିପିବଦ୍ଧ ହେବା ଆବଶ୍ୟକ ।

ପ୍ରତ୍ୟେକ ଦଳରେ ନିମ୍ନ ଲିଖିତ କର୍ମଚାରୀ ରହିବେ

- ଦୁଇ ଜଣ ତାଲିମ ପ୍ରାପ୍ତ ଏଲ.ଟି.
- ଡାଟା ଏଂଟ୍ରି ଅପରେଟର
- ସହାୟକ
- ସଫେଇ କର୍ମଚାରୀ

ସଂଗ୍ରହ କେନ୍ଦ୍ରର ବର୍ଜ୍ୟବସ୍ତୁ (BMW) ୨୦୧୯ ନିୟମ ଅନୁସାରେ ପରିଚାଳିତ ହେବ

ନମୁନା ସଂଗ୍ରହ ଓ ପ୍ରେରଣ

- ତାଲିମ ପ୍ରାପ୍ତ କର୍ମଚାରୀ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରି ନମୁନା ସଂଗ୍ରହ କରିବେ ।
- ନମୁନା ସଂଗ୍ରହ ସମୟରେ ସଂକ୍ରମଣ ନିରୋଧ ନିୟମାବଳୀକୁ ପ୍ରାଧାନ ଦିଆଯିବ ।

ପ୍ରତ୍ୟେକ ନମୁନା ସଂଗ୍ରହ ପରେ

- ହାତରୁ ଗ୍ଲୋବସ ବାହର କରାଯିବ ।
- ହାତକୁ ସାନିଟାଇଜର ରେ ବିଶୋଧନ କରାଯିବ ।
- ପରବର୍ତ୍ତୀ ନମୁନା ସଂଗ୍ରହ କରିବା ପୂର୍ବରୁ ନୂଆ ଗ୍ଲୋବସ ପିନ୍ଧିବେ ।

## ବିଶ୍ଳେଷଣ ପତ୍ର

ପରିଚ୍ଛେଦ -୧

| କ୍ରମିକ ସଂଖ୍ୟା | ନାମ | ବୟସ | ଲିଙ୍ଗ | ଶିବିର ର ନାମ | କାଶ ସହିତ ନିଶ୍ୱାସ ନେବାରେ କଷ୍ଟ ହେଉଛିକି ? | ନିଶ୍ଚିତ କିମ୍ବା ସନ୍ଦିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଆସିଛନ୍ତିକି? | କୌଣସି ଆକ୍ରାନ୍ତ ଅଂଚଳକୁ ବିଗତ ୧୪ ଦିନ ମଧ୍ୟରେ ଭ୍ରମଣ କରିଛନ୍ତିକି ? | ମଧୁମେହ, ଉଚ୍ଚରକ୍ତଚାପ କିମ୍ବା ଶ୍ୱାସ ରୋଗରେ ପୀଡ଼ିତ କି ? | ଯଦି ଗର୍ଭବତୀ, ବର୍ତ୍ତମାନ ପ୍ରସବ ବେଦନା ଅଛି କି କିମ୍ବା ସମ୍ଭାବ୍ୟ ପ୍ରସବ ତାରିଖ ଆଗାମୀ ୫ ଦିନ ମଧ୍ୟରେ ଅଛିକି ? |
|---|---|---|---|---|---|---|---|---|---|
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |